ପ୍ରେସ ନୋଟ

# ଆରମ୍ଭ ହେଲା ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ।

ଅନୁଗୋଳ,ତା.୧୦.୦୨:- ଜିଲ୍ଲାରୁ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଆଜିଠାରୁ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଔଷଧ ନିଜେ ସେବନ କରି ଶୁଭାରମ୍ଭ କରିଥିଲେ । ଫାଇଲେରିଆ ରୋଗ ଆମର ଆର୍ଥିକ ଓ ସାମାଜିକ ସ୍ଥିତିରେ ବିଶେଷ ପ୍ରଭାବ ପକାଉଥିବାରୁ ଏହାର ନିରାକରଣ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମରେ ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରି ଫାଇଲେରିଆ ରୋଗର ଲକ୍ଷଣ ଓ ଏହାର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କୀଟ ବିଜ୍ଞାନ ପରାମର୍ଶଦାତା ଡ.ଅରୁଣ ସିବାନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଫାଇଲେରିଆ ରୋଗର ପୃଷ୍ଠଭୂମି, ଲକ୍ଷଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଫାଇଲେରିଆ ରୋଗ ହେଉଛି ଏକ ମଶାବାହିତ ରୋଗ । ମାଈ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ । ଏହି ରୋଗର ଲକ୍ଷଣ ହେଉଛି ହାଇଡ୍ରୋସିଲ,ଗଣ୍ଠି ଫୁଲିବା ଓ ଗୋଦରା ଭଳି ହୋଇଥାଏ । ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଏହି ବଟିକା ଲୋକମାନଙ୍କୁ ଖୁଆଇବେ । ଏକକାଳିନ ସାର୍ବଜନିନ ଔଷଧ ଲଗାତାର ୫ ବର୍ଷ ସେବନ କଲେ ଏହାର ନିରାକରଣ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ବେହେରା ଓ ଡା.ପୂର୍ଣ୍ଣିମା ଉଦଗାତାଙ୍କ ସମେତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ମାନେ ଉପସ୍ଥିତ ଥିଲେ।


Elimination of Lymphatic Filariasis